# Akashvani, Sambalpur

## SAMBALPURI NEWS EVENING BULLETIN

**27 May 2024- 7.02 pm- 7.12 pm.**

*********************************************

୧- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୫ ଦିନ୍ ଭିତ୍‌ରେ ପୁହୁଁଚିବା କେରଳ - ପାଣିପାଗ୍ ବିଭାଗ୍‌ର ଅନୁମାନ୍ ।

୨- ରାଜ୍ୟର୍ ଶେଷ୍ ଖେପ୍ ଭୋଟ୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍‌ଫୁ କରାଯାଉଛେ ଜୋର୍‌ଦାର୍ ପ୍ରଚାର୍ ।

- ଆଏବା ବୁଧବାର୍ ଦିନ ଓଡ଼ିଶା ଆସ୍‌ବେ ବିଜେପିର୍ ବରିଷ୍ଠ ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୩- ମେଟ୍ରିକ୍ ଆର୍ ଯୁକ୍ତଦୁଇ ପରୀକ୍ଷାଖାତାର୍ ଫେର୍‌ଘାଏ ଯାଂଚ୍ ଲାଗି ଆବେଦନ୍ ସମୟସୀମା ଘୋଷ୍‌ନା ।

ଆଉର୍

୪- ବିଶ୍ୱସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଓଡ଼ିଶାକେ ମିଲ୍‌ବା 'ୱାର୍ଲ୍ଡ ନୋ ଟବାକୋ ଡେ ପୁରସ୍କାର୍' ।

ମୌସୁମୀ ବାୟୁ      ଆର୍ଏନ୍ୟୁ/ କଟକ୍

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୫ ଦିନ୍ ଭିତ୍ରେ କେରଳ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ପୂର୍ବାନୁମାନ୍ କରିଛେ । ଆଘୋନୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ମାଲ୍ଦୀପର କେତେ ଇଲାକା ଆର୍ କାମରିନ୍ , ଦକ୍ଷିଣ ବଙ୍ଗୋପ୍ସାଗର୍ ନିକୋବର୍ ଦ୍ୱୀପପୁଞ୍ଜ ଆଉ ଦକ୍ଷିଣ ଆଣ୍ଡାମାନ୍ ସାଗର୍ର କେତେ ଇଲାକାକେ ଆଗ୍କେ ଯାଇଥିଲା । ପାଣିପାଗ୍ ବିଭାଗ୍ର ଅନୁମାନ୍ ଅନ୍ସାରେ ଇ ମୌସୁମୀ ଋତୁଥି ସ୍ୱାଭାବିକ୍ନୁ ଅଏତ୍କା ବର୍ଷା ହେବା । ଲା-ନିନା ପରିସ୍ଥିତି ଅନୁକୂଲ୍ ଥିବାର୍ନୁ ଭାରତ୍ ନ ଇ ମୌସୁମୀ ଋତୁଥି ଭଲ୍ ବର୍ଷା ହେବା ବଲି କୁହାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଦେଶର୍ କୃଷିଭିତିକ ଅର୍ଥନୀତି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଉପ୍ରେ ନିର୍ଭର୍ କର୍ସି । ମୋଟ୍ ଚାଷ୍ ଜମିର ୫୨ ପ୍ରତିଶତ୍ ଜଲ୍ସେଚନ୍ ଲାଗି ମୌସୁମୀ ବର୍ଷା ଉପ୍ରେ ନିର୍ଭର୍ କର୍ବାର୍ ସହେତେ ବିଜ୍ଲି ଉତ୍ପାଦନ୍ ଛଡ଼ା ପାନୀୟ ଜଳ ଆଉ ଜଲ୍ଭଣ୍ଡାର୍ ମାନ୍କେ ଜଲ୍ସଂରକ୍ଷଣ୍ଥି ମୌସୁମୀ ବର୍ଷା ସାହାଜ୍ କର୍ସି ।

୭ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍   ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶର୍ ୭ ନମ୍ବର୍ ତଥା ଶେଷ୍ ଖେପ୍ ନିର୍ବାଚନ୍‌ଥି ୮ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୭ ଟା ସଂସଦୀୟ କ୍ଷେତ୍ର ନ  ଆଏବା ଜୁନ୍ ମାସର୍ ୧ ତାରିଖ୍ ଦିନ ଭୋଟ୍ ହେବା । ଇ ଖେପେ ଓଡ଼ିଶାର୍ ମୟୁର୍‌ଭଞ୍ଜ, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ଲୋକ୍‌ସଭା ଆସନ୍ ଆର୍ ତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା ।

ଇତାର୍‌ଛଡ଼ା ପଞ୍ଜାବ୍ ଆର୍ ଉତର୍‌ପ୍ରଦେଶ୍‌ର ୧୩ ଟା ଲେଖା, ପଶ୍ଚିମବଙ୍ଗ୍‌ର ୯ ଟା, ବିହାର୍‌ର ୮ ଟା, ହିମାଚଲ୍ ପ୍ରଦେଶ୍‌ର ୪ ଟା, ଝାର୍‌ଖଣ୍ଡର ୩ ଟା ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ଚଣ୍ଡିଗଡ୍‌ର ଗୁଟେ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ଖେପ୍ ଭୋଟ୍ ଲାଗି ପ୍ରଚାର୍ ଜୋର୍‌ସୋର୍ ଚାଲିଛେ । ଭିନ୍ ଭିନ୍ ଦଲର୍ ବରିଷ୍ଠ ନେତାମାନେ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ଭୋଟ୍ ପ୍ରଚାର୍ କରୁଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଜୁନ୍ ୪ ତାରିଖ୍ ଦିନ ସବୁ ଖେପର୍ ଭୋଟ୍‌ଗନ୍‌ତି କରାଯିବା ।

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ୍ ପ୍ରଚାର୍ ଆର୍‌ଏନ୍‌ୟୁ/ କଟକ୍

ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ କେନ୍ଦ୍ରାପଡ଼ା ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କରିଛନ୍ । ଆୟୋଜିତ ଜନସଭାଥି ଶ୍ରୀ ପଟ୍ଟନାୟକ୍ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ କ୍ଷେତ୍ରଥି ସଫଲତା ବର୍ଣ୍ଣନା କରିଥିଲେ । ଇତାର୍ ସହେତେ ଆଏବା ଦିନେ କେନ୍ଦ୍ରାପଡ଼ା ଜିଲ୍ଲାର୍ ବିକାଶ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ଗ୍ରହଣ୍ କରାଯିବା ବଲି ସେ କହିଛନ୍ ।

ଆସାମ ମୁଖ୍ୟମନ୍ତ୍ରୀ-ଓଡ଼ିଶା ହି.ସ.

ବିଜେପିର ବରିଷ୍ଠ ନେତା ଆଉ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଆଏଜ୍ ଭଦ୍ରକ୍, ବିଞ୍ଝାର୍‌ପୁର୍, ପାଟକୁରା, କାକଟ୍‌ପୁର୍ ଠାନେ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେଇକରି ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ଭୋଟ୍ ପ୍ରଚାର୍ କରିଛନ୍ । ଆଏବା କାଏଲ୍ ଶ୍ରୀ ବିଶ୍ୱଶର୍ମା ସଖାଲ୍‌ବେଲା ସାଢ଼େ ୧୦ ବଜେ ରାଇରଙ୍ଗ୍‌ପୁର୍‌ଠାନେ ଗୁଟେ ରୋଡ୍ ସୋଥି ଯୋଗ୍ ଦେବେ । ଇତାର୍‌ଉତ୍‌ରୁ ଶ୍ରୀ ବିଶ୍ୱଶର୍ମା ମୋରଡ଼ା ନିର୍ବାଚନ୍ ମଣ୍ଡଲୀର ସୁଲିଆପଦା ଆର୍ ଉପର୍‌ବେଲା ସୋର ର ରଘୁନାଥପୁର୍,

୪ ବଜେ ଜଗତ୍‌ସିଂହପୁର୍ ଠାନେ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ

ଆର୍‌ଏନ୍‌ୟୁ/ସମ୍ବଲପୁର/କଟକ୍/ ହିନ୍ଦୁସ୍ଥାନ୍ ସମାଚାର୍

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ବୁଧବାର୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ପ୍ରଧାନ୍‌ମନ୍ତ୍ରୀ କେନ୍ଦ୍ରାପଡ଼ା, ବାଲେଶ୍ୱର୍ ଆର୍ ବାରିପଦା ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ସେନ୍ତା ବିଜେପି ବରିଷ୍ଠ ନେତା ଆର୍ ଗୃହମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ ଓଡ଼ିଶା ଗସ୍ତ୍‌ଥି ଆସିକରି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ । ସେ ପୁରୀ ଜିଲ୍ଲାର୍ ନିମାପଡ଼ା ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ହେବାର୍‌କେ ଥିବାର୍ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍‌ଛଡ଼ା ଶ୍ରୀ ଶାହା ଚାନ୍ଦବାଲି ଆର୍ କୋରେଇ ନ ଭିଲ୍ ଦଲୀୟ ନିର୍ବାଚନୀ ସଭାକେ ସମ୍ବୋଧନ୍ କର୍‌ବେ । ସେଆଡ଼େ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଆଏବା ୨୯ ତାରିଖ୍ ବୁଧବାର୍ ଦିନ ବାଲେଶ୍ୱର୍ ଆର୍ ଚାନ୍ଦ୍‌ବାଲି ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ । ସେନ୍ତା ଦଲର୍

ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଭଦ୍ରକ୍ ଜିଲ୍ଲା ନ ଆଏବା ୩୦ ତାରିଖ୍ ଗୁରୁବାର୍ ଦିନ ଦଲୀୟ ପ୍ରଚାର୍ ସଭାଥି ଯୋଗ୍ ଦେବେ ବଲି କଂଗ୍ରେସ୍‌ର ଓଡ଼ିଶା ପ୍ରଭାରୀ ଅଜୟ କୁମାର୍ ସୂଚ୍‌ନା ଦେଇଛନ୍ ।

୩ ନମ୍ବର୍ ଖେପ୍ ଭୋଟ ହାର ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲା ୨୫ ତାରିଖ୍ ଦିନ ହେଇଥିବା ୩ ନମ୍ବର୍ ଖେପ୍ ଭୋଟ୍‌ର ଚୂଡ଼ାନ୍ତ ମତଦାନ୍ ହାର ବାହାରିଛେ । ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ୬ ଟା ଲୋକ୍‌ସଭା ଆସନ୍ ଆଉ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ନ ୭୪ ଦଶ୍‌ମିକ୍ ୪/୭ ପ୍ରତିଶତ ମତଦାନ୍ ହେଇଛେ । ଇଟା ୨୦୧୯ ନିର୍ବାଚନ୍‌ନୁ ୩ ଦଶ୍‌ମିକ ଶୂନ୍/ ୯ ପ୍ରତିଶତ୍ ଅଏତ୍‌କା ବଲି ଜନାପଡ଼ିଛେ । ଆଘର୍ ନିର୍ବାଚନ୍‌ଥି ଇ ୬ ଟା ଲୋକ୍‌ସଭା ଆସନ୍ ନ ୭୧ ଦଶ୍‌ମିକ୍ ୩/ ୬ ପ୍ରତିଶତ୍ ମତଦାନ୍ ହେଇଥିଲା । ୩ ନମ୍ବର୍ ଖେପ୍ ନିର୍ବାଚନ୍‌ଥି ସମ୍ବଲ୍‌ପୁର୍ ନ ସବୁଠାନୁ ଅଏତ୍‌କା ୭୯ ଦଶ୍‌ମିକ୍ ୫ ପ୍ରତିଶତ୍ ମତଦାନ୍ ହେଇଥିବାର୍ ବେଲେ ଭୁବନେଶ୍ୱର୍ ନ ସବୁନୁ କମ୍ ୬୪ ଦଶ୍‌ମିକ୍ ୪/ ୯ ପ୍ରତିଶତ୍ ଭୋଟ୍ ପଡ଼ିଛେ ।

ସେଆଡ଼େ ବିଧାନ୍‌ସଭା ମଣ୍ଡଲୀମାନ୍‌କର୍ ଭିତ୍‌ରେ ଆଠ୍‌ମଲ୍ଲିକ୍ ଆସନ୍‌ଥି ୮୫ ଦଶ୍‌ମିକ୍ ୬/ ୯ ପ୍ରତିଶତ୍ ଭୋଟ୍ ହାର

ଥିବାର୍ ବେଲେ ଭୁବ୍‌ନେଶ୍ୱର୍ ମଧ୍ୟ ନିର୍ବାଚନ୍ ମଣ୍ଡଲୀ ନ ୫୧ ଦଶ୍‌ମିକ୍ ୭/୮ ପ୍ରତିଶତ୍ ଭୋଟ୍ ହେଇଥିଲା । ନିର୍ବାଚନ୍ କମିଶନ୍‌ଙ୍କର୍ ସୂଚ୍‌ନା ଅନ୍‌ସାରେ ଆଘର୍ ନିର୍ବାଚନ୍‌ନୁ ସହର୍ ଇଲାକାମାନ୍‌କେ ମତଦାନ୍ ବଢ଼ିଛେ । ସେନ୍ତା ୩ ନମ୍ବର୍ ଖେପେ ୧୫ ଟା ବିଧାନ୍‌ସଭା ଆସନ୍‌ଥି ମତଦାନ୍ ହାର ୮୦ ପ୍ରତିଶତ୍‌ନୁ ଅଏତ୍‌କା ରହିଥିବାର୍ ନିର୍ବାଚନ୍ ଆୟୋଗଙ୍କର୍ କାର୍ଯ୍ୟାଳୟନୁ ଜନାପଡ଼ିଛେ ।

ଯୁକ୍ତଦୁଇ- ଇନ୍‌ଷ୍ଟାଂଟ୍ ପରୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ଯୁକ୍ତ ଦୁଇ ପରୀକ୍ଷାଫଲ୍ ବାହାରିଥିବାର୍ ବେଲେ ଯେନ୍ ପରୀକ୍ଷାର୍ଥୀମାନେ ଚାହେଁବେ ଉତର୍ ଖାତା ପୁନଃମୂଲ୍ୟାୟନ୍ ଲାଗି ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ଆଏବା ମାସର୍ ୧ ତାରିଖ୍‌ତକ୍ ବିଜ୍ଞପ୍ତି ବାହାର୍‌ବା ବଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । କଳା, ବାଣିଜ୍ୟ, ବିଜ୍ଞାନ୍ ଆର୍ ଧନ୍ଦାମୂଲକ୍ ଶିକ୍ଷାର ଛାତ୍ରଛାତ୍ରୀମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଜୁନ୍ ମାସ ଶେଷ୍ ହପ୍ତାଥି ବାର୍ଷିକ୍ ଇନ୍‌ଷ୍ଟାଂଟ୍ ପରୀକ୍ଷା ହେବା ଆର୍ ଇଥି ସିଏଚ୍‌ଏସ୍‌ଇ ପରୀକ୍ଷାଥି ଫେଲ୍ ହେଇଥିବା ପିଲାମାନେ ଭିଲ୍ ଇ ପରୀକ୍ଷା ଦେଇପାର୍‌ବେ ।

ସେନ୍ତା ଆଏବା ବୁଧବାର୍ ଜୁନ୍ ମାସ ୧୨ ତାରିଖ୍ ଭିତ୍ରେ ୧୫ ଦିନ୍ତକ୍ ମେଟ୍ରିକ୍ ପରୀକ୍ଷା ଖାତା ଫେର୍‌ଘାଏ ଯାଂଚ୍ ଲାଗି ଅନ୍‌ଲାଇନ୍‌ଥି ଆବେଦନ୍ କରାଯାଇପାର୍‌ବା । ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ, ମୁକ୍ତ ବିଦ୍ୟାଳୟ ଆଉ ମଧ୍ୟମା ଛାତ୍ରଛାତ୍ରୀମାନେ ଅଫ୍‌ଲାଇନ୍ ଜରିଏ ବୋର୍ଡ୍ ମୁଖ୍ୟ କାର୍ଯ୍ୟାଳୟଥି ଆଂଚଲିକ୍ କାର୍ଯ୍ୟାଳୟ ନ ଆବେଦନ୍ କରିପାର୍‌ବେ ।

ଭୋଟ୍ କାମ୍-ସର୍‌କାରୀ ଟିଏ ଡିଏ

ସୂଚନା ଆଉ ଲୋକସମ୍ପର୍କ କାର୍ଯ୍ୟାଳୟ

ସାଧାରଣ୍ ନିର୍ବାଚନ୍ ପରିଚାଲନା କାମ୍‌ଥି ନିୟୋଜିତ୍ ଥିବା ସର୍‌କାରୀ କର୍ମଚାରୀମାନେ ସେମାନ୍‌କର୍ କାର୍ଯ୍ୟାଳୟ ନ ଗସ୍ତ ଖର୍ଚ୍ଚ ଆର୍ ମହଙ୍ଗାଭତା ପାଏବେ । ସର୍‌କାରୀ କର୍ମଚାରୀମାନ୍‌କର୍ ଦର୍‌ମା ବାବଦ୍ ସବିଶେଷ୍ ତଥ୍ୟ ସେମାନେ କାମ୍ କରୁଥିବା କାର୍ଯ୍ୟାଳୟ ମୁଖ୍ୟଙ୍କର୍ ଠାନେ ଥିବାର୍‌ନୁ ସେମାନେ ଟିଏ ଡିଏ ଅର୍ଥ ବିଭାଗ୍‌ର ସର୍କୁଲାର୍ ଅନ୍‌ସାରେ ସେମାନ୍‌କର୍ କାର୍ଯ୍ୟାଳୟ ମୁଖ୍ୟଙ୍କର୍‌ଠାନୁ ପାଏବେ । ଇ ବାବ୍‌ଦେ ଅର୍ଥ ବିଭାଗ୍‌ର ସହମତି ଅନ୍‌ସାରେ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍‌ଫୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛେ ।

ୱାର୍ଲ୍ଡ ନୋ ଟବାକୋ ଡେ ଆୱାର୍ଡ଼ -ଓଡ଼ିଶା

ଆର୍‌ଏନ୍‌ୟୁ / ସମ୍ବଲପୁର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ନୋ- ଟବାକୋ ଡେ ଅବ୍‌ସରେ ଓଡ଼ିଶାକେ 'ୱାର୍ଲ୍ଡ ନୋ ଟବାକୋ ଡେ ଆୱାର୍ଡ଼ -୨୦୨୪' ମିଲ୍‌ବା ବଲି ଘୋଷ୍‌ନା କରାଯାଇଛେ । ଓଡ଼ିଶା ତୃଣମୂଳ ସ୍ତର୍ ନ ତମାଖୁ ବର୍ଜନ୍ କ୍ଷେତ୍ରଥି ଉଲ୍ଲେଖନୀୟ ସଫଲତା ହାସଲ୍ କରିଥିବାର୍‌ନୁ ଇ ସମ୍ମାନ୍‌ଜନକ୍ ପୁରସ୍କାର୍ ପାଏବା । ଓଡ଼ିଶା ଦେଶର୍ ପହେଲା ରାଜ୍ୟ ଭାବେ ତମାଖୁ ମୁକ୍ତ ଗାଁ ଅଭିଯାନ୍ ଆରମ୍ଭ କରିଥିଲା । ଜାତୀୟ ପରିବାର୍ ସ୍ୱାସ୍ଥ୍ୟ ସର୍ବେକ୍ଷଣ୍‌ର ୫ ନମ୍ବର୍ ରିପୋର୍ଟ ଅନ୍‌ସାରେ ଦେଶେ ୫୧ ଦଶ୍‌ମିକ୍ ୬ ପ୍ରତିଶତ୍ ପୁରୁଷ ଆର୍ ୨୬ ପ୍ରତିଶତ ମହିଳା ତମାଖୁ ଖାଉଛନ୍ ।

ସମ୍ବଲ୍‌ପୁର୍ -ଷ୍ଟ୍ରଙ୍ଗ୍‌ରୁମ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀର୍ ଅଧୀନ୍‌ଥି ଥିବା ସମ୍ବଲ୍‌ପୁର୍ ଜିଲ୍ଲାର୍ ୪ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀ ଲାଗି ୪ ଟା ଷ୍ଟ୍ରଙ୍ଗ୍‌ରୁମ୍ କରାଯାଇଛେ । ସମ୍ବଲ୍‌ପୁର୍

ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ସମ୍ବଲ୍‌ପୁର୍ ମହିଳା ମହାବିଦ୍ୟାଳୟ, ରେଙ୍ଗାଲି ବିଧାନ୍‌ସଭା ଲାଗି ଏନ୍‌ଏସ୍‌ସିବି କଲେଜ୍, କୁଚିଣ୍ଡା ଲାଗି କୁଚିଣ୍ଡା କଲେଜ୍ ଆର୍ ରେଢ଼ାଖୋଲ୍ ଲାଗି ରେଢ଼ାଖୋଲ୍ ଭୀମଭୋଇ କଲେଜ୍‌କେ ଷ୍ଟ୍ରଙ୍ଗ୍‌ରୁମ୍ କରାଯାଇଛେ । ଷ୍ଟ୍ରଙ୍ଗ୍‌ମାନ୍‌କର୍ ସୁରକ୍ଷା ଲାଗି ତିନ୍‌ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାର୍ ବେଲେ ସିସିଟିଭି ଲଗାଯାଇଛେ । ଫି ଷ୍ଟ୍ରଙ୍ଗ୍‌ରୁମ୍ ଦାୟିତ୍ୱଥି ଝନେ ଝନେ ଡିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ୍ କରିକରି ସୁରକ୍ଷା ବ୍ୟବସ୍ଥାର୍ ତଦାରଖ୍ କରିଛନ୍ ।

ଦେବର୍ଷି ନାରଦ୍ ଜୟନ୍ତୀ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସରସ୍ୱତୀ ଶିଶୁମନ୍ଦିର୍ ଠାନେ ଦେବର୍ଷି ନାରଦ୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଆଦ୍ୟ ଯୁଗନୁ ଦେବର୍ଷି ନାରଦ୍ ଗଣମାଧ୍ୟମ୍ କାମ ଠିକ୍ ଭାବେ କରିକରି ସମସ୍ତଙ୍କର୍ ପ୍ରଶଂସାର୍ ପାତ୍ର ହେଇପାରିଥିଲେ ବଲି ବକ୍ତାମାନେ ମତପ୍ରକାଶ୍ କରିଛନ୍ । ସାମ୍ବାଦିକ୍‌ମାନେ ସମାଜ୍‌ର ଶୃଙ୍ଖଲା ଲାଗି ନିରପେକ୍ଷ ଭାବେ ସମ୍ବାଦ୍ ପରିବେଷଣ୍ କରିକରି ପ୍ରଭୁ ନାରଦଙ୍କର୍ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବାର୍‌କେ କାର୍ଯ୍ୟକ୍ରମ୍‌ଥି ଆହ୍ୱାନ୍ ଦିଆଯାଇଥିଲା ।

ସାଇବର୍ ଠକ- ଅନ୍ତର୍ଜାତୀୟ କଲ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସାଇବର୍ ଠକମାନେ ଭାରତ୍‌ର ନାଗରିକ୍‌ମାନ୍‌କୁ ଜାଲ୍ ନାଁଥି ଅନ୍ତର୍ଜାତୀୟ ନମ୍ବର୍‌ନୁ ଫୋନ୍ କରିକରି ଠକୁଥିବା ନଜର୍‌କେ ଆସିଛେ । ଇଥିର୍‌ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ଟେଲିକମ୍ ବିଭାଗ୍ ତର୍‌ଫୁ ନାଗରିକ୍‌ମାନ୍‌କର୍ ଲାଗି ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇ ସାଇବର୍ ଠକମାନେ ଭାରତୀୟ ନମ୍ବର୍ ବେଭାର୍ କରିକରି ଠକୁଛନ୍ । ଇ ନମ୍ବର୍‌ନୁ ଫୋନ୍ ଆସ୍‌ଲେ ଲୋକ୍‌ମାନେ ଭାରତୀୟ ନମ୍ବର୍ ଭାବୁଛନ୍ । ହେଲେ ଇଟା ବିଦେଶ୍‌ନୁ ଆସୁଥିବା ଟେଲିକମ୍ ବିଭାଗ୍ ତର୍‌ଫୁ ଜନାପଡ଼ିଛେ । ସେଥିର୍‌ଲାଗି ଏନ୍ତା ନମ୍ବର୍‌ନୁ ଦୂରେଇ ରହେବାର୍ ସହେତେ ଫୋନ୍ ଆସ୍‌ଲେ ସଙ୍ଗେସଙ୍ଗେ ବ୍ଲକ୍ କର୍‌ବାର୍‌କେ କୁହାଯାଇଛେ । ଇତାର୍‌ସହେତେ ନାଗରିକମାନେ ଭାରତ୍ ସର୍‌କାର୍‌ଙ୍କର୍ ସଂଚାର୍ ସାଥୀ ପୋର୍ଟାଲ୍‌ଥି ଭିଲ୍ ଇ ବାବ୍‌ଦେ ଅଭିଯୋଗ୍ କର୍‌ବାର୍‌କେ ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ହାତୀ ଗଣ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ୪୬ ଟା ଜଙ୍ଗଲ୍ ଡିଭିଜନ୍ ନ ୩ ଦିନ୍ ଧରିକରି ଚାଲିଥିବା ହାତୀଗଣନା ଶେଷ୍ ହେଇଛେ ବଲି ମୁଖ୍ୟ ବନସଂରକ୍ଷକ-ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ । ଆଏବା ୨ ହପ୍ତା ଭିତ୍‌ରେ ହାତୀଗଣନା ରିପୋର୍ଟ ବାହାର୍‌ବା ବଲି ସେ କହିଛନ୍ । ଜଙ୍ଗଲ୍ ବିଭାଗ୍‌ର କର୍ମଚାରୀମାନେ ମଚାନ୍ ଉପ୍‌ରେ ବସିକରି ପ୍ରତ୍ୟକ୍ଷ ଭାବେ ହାତୀ ଗଣ୍‌ନା କରିଥିବାର୍ ବେଲେ ।